# NATIONAL NEWS BULLETIN (ODIA)
## 02nd April - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ପୁନଃ ଆଗତ ହେବ ୱାକଫ୍ ସଂଶୋଧନ ବିଲ୍, ୨୦୨୪ ।

- ଅକ୍ଷୟ ଶକ୍ତି କ୍ଷେତ୍ରରେ ଗତ ଆର୍ଥିକ ବର୍ଷରେ ୨୫ ଗିଗାୱାଟ୍ ଶକ୍ତିକ୍ଷେତ୍ର ସ୍ଥାପିତ ହୋଇଛି; କହିଲେ ନବୀକରଣ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ।

- ଦୁଇ ହଜାର ଟଙ୍କିଆ ନୋଟ୍ ମଧ୍ୟରୁ ୯୮ ପ୍ରତିଶତରୁ ଅଧିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଫେରିଛି ବୋଲି ସୂଚନା ଦେଲା ଆର୍.ବି.ଆଇ. ।

- ଭୂକମ୍ପ ପ୍ରଭାବିତ ମ୍ୟାଁମାର୍‌କୁ ଭାରତ ଏପର୍ଯ୍ୟନ୍ତ ୬୨୫ ଟନ୍ ସହାୟତା ସାମଗ୍ରୀ ପ୍ରଦାନ କରିଛି; ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ।

ଏବଂ

- ଆଇ.ପି.ଏଲ୍.ର ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୮ ଓ୍ୱିକେଟ୍‌ରେ ବିଜୟୀ ।

## ଏଲ୍.ଏସ୍. - ଓ୍ୱାକ୍‌ଫ୍ ବିଲ୍

ଲୋକସଭାରେ ଆଜି ଓ୍ୱାକଫ୍ (ସଂଶୋଧନ) ବିଲ୍, ୨୦୨୪ ପୁନଃଆଗତ କରାଯିବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବିଲ୍ ଉପରେ ଆଲୋଚନାପାଇଁ ୮ ଘଣ୍ଟା ସମୟ ପ୍ରଦାନ କରାଯାଇଛି । ଆବଶ୍ୟକ ପଡ଼ିଲେ ଆଲୋଚନାର ସମୟସୀମା ବୃଦ୍ଧି କରାଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି । ବିଲ୍ ସଂକ୍ରାନ୍ତୀୟ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି । ରାଜନୈତିକ ଅଭିସନ୍ଧି ଆଧାରରେ ବିରୋଧୀ ଦଳ ଏହି ଆଇନକୁ ବିରୋଧ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ ଅଭିଯୋଗ କରିଛନ୍ତି । ନିରପେକ୍ଷ ଏବଂ ଖୋଲା ବିତର୍କ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ବିଲ୍ ଆଲୋଚନାବେଳେ ଉପସ୍ଥିତ ରହିବାକୁ ବି.ଜେ.ପି. ଦଳୀୟ ସାଂସଦଙ୍କ ପାଇଁ ହ୍ୱିପ୍ ଜାରି କରିଛି । ଏନ୍.ଡି.ଏ.ର ସହଯୋଗୀ ଦଳ ଜେ.ଡି.ୟୁ. ଏବଂ ତେଲୁଗୁଦେଶମ୍ ପାର୍ଟି ମଧ୍ୟ ଦଳୀୟ ସାଂସଦଙ୍କ ପାଇଁ ଅନୁରୂପ ପଦକ୍ଷେପ ଗ୍ରହଣ କରିଛି । ସେହିଭଳି ବିରୋଧୀ କଂଗ୍ରେସ ଦଳ ମଧ୍ୟ ସାଂସଦଙ୍କପାଇଁ

ହ୍ୱିପ୍ ଜାରି କରିଛି । ଏହି ବିଲ୍ ଉପରେ ଆଲୋଚନାପାଇଁ ଇଣ୍ଡିମେଣ୍ଟର ସାଂସଦଙ୍କୁ ନେଇ ଏକ ବୈଠକ ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ମେଣ୍ଟର ବିଭିନ୍ନ ଦଳର ବରିଷ୍ଠ ନେତା ଏଥିରେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ମାସରେ ଏହି ବିଲ୍ ଲୋକସଭାରେ ଆଗତ ହୋଇଥିଲା । ଅଧିକ ବିଚାର ବିମର୍ଶ ପାଇଁ ସାଂସଦ ଜଗଦମ୍ବିକା ପାଲ୍ଙ୍କ ଅଧ୍ୟକ୍ଷତାରେ ଗଠିତ ଯୁଗ୍ମ ସଂସଦୀୟ କମିଟିକୁ ବିଲ୍‌ଟିକୁ ପଠାଯାଇଥିଲା । ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ଅନୁଷ୍ଠାନ, ସଙ୍ଗଠନର ପ୍ରତିନିଧିଙ୍କ ମତାମତ ଏବଂ ପରାମର୍ଶ ଆଧାରରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ନେଇ ଯୁଗ୍ମ ସଂସଦୀୟ କମିଟି ସୁପାରିସ କରିଛନ୍ତି । କମିଟିର ଏଥିପାଇଁ ୩୬ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବିଲ୍ ଉପରେ କମିଟିକୁ ମୋଟ୍ ୯୭ ଲକ୍ଷରୁ ଅଧିକ ମତାମତ ମିଳିଥିଲା । ଓ୍ୱାକଫ୍ ବୋର୍ଡ଼ର କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଓ୍ୱାକଫ୍ ସମ୍ପତ୍ତିର ସୁପରିଚାଳନାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ବିଲ୍ ଆଗତ କରାଯାଇଛି ।

## ରେନ୍ୟୁବଲ୍ ଏନର୍ଜି

ଅକ୍ଷୟ ଶକ୍ତି କ୍ଷେତ୍ରରେ ଗତା ଆର୍ଥିକ ବର୍ଷରେ ଦେଶରେ ୨୫ ଗିଗାଓ୍ୱାଟ୍ ଶକ୍ତିକ୍ଷେତ୍ର ସ୍ଥାପିତ ହୋଇଛି । ଏକ୍ଷେତ୍ରରେ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ

ସଫଳତା ମିଳିଛି ବୋଲି ନବୀକରଣ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଯୋଶୀ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୮ ଦଶମିକ ୫/୭ ଜିଗାୱାଟ୍ ରହିଥିଲା । ଗତ ଆର୍ଥିକ ବର୍ଷରେ ୩୫ ପ୍ରତିଶତ ବୃଦ୍ଧି ଘଟିଛି । ସୌରଶକ୍ତିଦ୍ୱାରା ପରିଚାଳିତା ଶକ୍ତିକ୍ଷେତ୍ର ୨୧ ଜିଗାୱାଟ୍‌କୁ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ ସୂଚନା ଦେଇଛନ୍ତି । ଦେଶରେ ସୌର ପି.ଭି. ସେଲ୍ ଉତ୍ପାଦନ ମଧ୍ୟ ୩ ଗୁଣା ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ୧ ଲକ୍ଷ ୧୦ ହଜାରରୁ ଅଧିକ ପରିବାର ସୁଫଳ ପାଇଛନ୍ତି ବୋଲି ସେ କହିଛନ୍ତି । ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି, ଗତ ଆର୍ଥିକ ବର୍ଷରେ ଏକ୍ଷେତ୍ରରେ ପ୍ରାୟ ୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଷୟ ଶକ୍ତି କ୍ଷେତ୍ରର ଅଭିବୃଦ୍ଧିପାଇଁ ପ୍ରଶଂସା କରିଛନ୍ତି । ମନ୍ତ୍ରୀ ଶ୍ରୀ ଯୋଶୀଙ୍କ ସାମାଜିକ ଗଣମାଧ୍ୟମ ସୂଚନା ଉପରେ ପ୍ରତିକ୍ରିୟା ଦେଇ ପ୍ରଧାନମନ୍ତ୍ରୀ’ ଏହା ଏକ ଉଲ୍ଲେଖନୀୟ ସଫଳତା ବୋଲି କହିଛନ୍ତି । ଏହି ଉପଲବ୍ଧି ଦେଶର ନାଗରିକଙ୍କ ସ୍ଥାୟିତ୍ୱ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ସୂଚାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଆର୍.ବି.ଆଇ. ୨୦୦୦ ନୋଟ୍

ଦୁଇ ହଜାର ଟଙ୍କିଆ ନୋଟ୍ ମଧ୍ୟରୁ ୯୮ ଦଶମିକ ୨/୧ ପ୍ରତିଶତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଫେରି ଆସିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ - ଆର୍.ବି.ଆଇ. ସୂଚନା ଦେଇଛି । ୨୦୨୩ ମଇ ୧୯ ତାରିଖରେ ଦୁଇ ହଜାର ଟଙ୍କିଆ ନୋଟ୍ ପ୍ରଚଳନକୁ ଆର୍.ବି.ଆଇ. ପ୍ରତ୍ୟାହାର ଘୋଷଣା କରିଥିଲା । ଆର୍.ବି.ଆଇ. ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କାରବାର ବନ୍ଦ ନେଇ ତିନଷ୍ପତ୍ତି ଗ୍ରହଣ କରାଯିବା ବେଳକୁ ପ୍ରଚଳନରେ ଥିବା ଦୁଇ ହଜାର ଟଙ୍କିଆ ନୋଟ୍‌ର ମୂଲ୍ୟ ୩ ଲକ୍ଷ ୫୬ ହଜାର କୋଟି ଟଙ୍କା ଥିଲା । ଗତବର୍ଷ ଶେଷ ସୁଦ୍ଧା ଏହା ୬ ହଜାର ୩୩୬ କୋଟି ଟଙ୍କାକୁ ହ୍ରାସ ପାଇଛି । ୨୦୨୩ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଦୁଇ ହଜାର ଟଙ୍କିଆ ନୋଟ୍‌କୁ ସମସ୍ତ ବ୍ୟାଙ୍କ୍ ଶାଖାରେ ଜମା କରିବା କିମ୍ବା ବିନମୟ କରିବାର ସୁବିଧା ଉପଲବ୍ଧ ଥିଲା । ତେବେ ରିଜର୍ଭ ବ୍ୟାଙ୍କର ୧୯ଟି ଶାଖାରେ ଏବେ ମଧ୍ୟ ଏହି ସୁବିଧା ଉପଲବ୍ଧ ରହିଛି ବୋଲି ଆର୍.ବି.ଆଇ. କହିଛି ।

## ଆଡୋପ୍ସନ୍

ଗତ ଆର୍ଥିକ ବର୍ଷରେ ଦେଶରେ ୪ ହଜାର ୫୧୫ ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ କହିଛି, ଏ କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଗତ ୧୨ ବର୍ଷ ମଧ୍ୟରେ ଏହା ସର୍ବାଧିକ । ସେଥିମଧ୍ୟରୁ ୪ ହଜାର ୧୧୫ଟି ଘରୋଇ କ୍ଷେତ୍ରରେ ପୋଷ୍ୟ ସନ୍ତାନ ଗ୍ରହଣ ହୋଇଛି, ଯାହା ଦେଶରେ ଆଇନଗତ ଢାଞ୍ଚାରେ ବୃଦ୍ଧି ପାଉଥିବା ଗ୍ରହଣୀୟତାକୁ ପ୍ରତିଫଳିତ କରୁଛି । କେନ୍ଦ୍ରୀୟ ପୋଷ୍ୟ ସଂସାଧନ ସଂସ୍ଥା - କାରା ଇତିମଧ୍ୟରେ ୮ ହଜାରରୁ ଅଧିକ ଶିଶୁଙ୍କୁ ପୋଷ୍ୟ ସନ୍ତାନପାଇଁ ଚିହ୍ନଟ କରିଛି । ମନ୍ତ୍ରଣାଳୟ କହିଛି, ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଦେଶରେ ୨୪୫ଟି ନୂତନ ପୋଷ୍ୟ ଗ୍ରହଣ ସଂସ୍ଥା ପ୍ରତିଷ୍ଠା କରାଯାଇଛି ।

## ଓଭରାଲ୍ ମ୍ୟାଁମାର କ୍ୱାକ୍

ମ୍ୟାଁମାର୍‌ରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୨ ହଜାର ୭୧୯ରେ ପହଞ୍ଚିଛି । ସେଠାକାର ସେନାମୁଖ୍ୟ ମିନ୍ ଅଙ୍ଗ୍ ଲାଇଙ୍ଗ୍ ଏକ ଟେଲିଭିଜନ୍

ସାକ୍ଷାତ୍କାରରେ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମୃତ୍ୟୁସଂଖ୍ୟା ଅଧିକ ହେବାର ଆଶଙ୍କା ରହିଛି । ୪ ହଜାର ୫୨୧ ଜଣ ଆହତ ହୋଇଥିବାବେଳେ ୪୪୧ ଜଣ ଏବେ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି । ଉଦ୍ଧାରକାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ମ୍ୟାଁମାରକୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ଭାରତ ଅପରେସନ୍ ବ୍ରହ୍ମା କାର୍ଯ୍ୟକାରୀ କରିଛି । ଏହା ଅଧୀନରେ ସେଠାକୁ ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଏବଂ ଚିକିତ୍ସା ଉପକରଣ ଆଦି ପଠାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତୀୟ ସେନା ଭେଷଜ ବିଭାଗର ଏକ ଅସ୍ଥାୟୀ ଶିବର ସେଠାରେ ସ୍ଥାପନ କରାଯାଇ ୧୦୪ ଜଣଙ୍କୁ ଆବଶ୍ୟକ ସେବା ପ୍ରଦାନ କରାଯିବା ସହ ୨ ଜଣ ଗୁରୁତର ଆହତଙ୍କଠାରେ ଅସ୍ତ୍ରୋପଚାର କରାଯାଇଛି । ଭାରତୀୟ ବାୟୁସେନାର ଏକ ବିମାନଦ୍ୱାରା ଗତକାଲି ୧୬ ଟନ୍ ସହାୟତା ସାମଗ୍ରୀ ପଠାଯାଇଛି ବୋଲି ମନ୍ତ୍ରଣାଳୟ କହିଛି । ଏହାକୁ ମିଶାଇ ଏପର୍ଯ୍ୟନ୍ତ ଅପରେସନ୍ ବ୍ରହ୍ମା ଅଧୀନରେ ୬ଟି ବିମାନ ଏବଂ ୫ଟି ନୌଜାହାଜ ମାଧ୍ୟମରେ ମ୍ୟାଁମାର୍‌କୁ ୬୨୫ ଟନ୍ ସହାୟତା ସାମଗ୍ରୀ ପଠାଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

ଏନ୍.ଡି.ଆର୍.ଏଫ୍. ଦଳ ସେଠାରେ ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଛନ୍ତି । ସୂଚନାଯୋଗ୍ୟ, ଗତ ଶୁକ୍ରବାର ମ୍ୟାଁମାର୍‌ରେ ୭ ଦଶମିକ ୭ ତୀବ୍ରତାର ଭୂକମ୍ପ ଅନୁଭୂତ ହେବା ସହ ଏହାପରେ ୬ ଦଶମିକ ୪ ତୀବ୍ରତାର ପଶ୍ଚାତ୍ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହାର ପ୍ରଭାବ ଥାଇଲାଣ୍ଡ,

ଭିଏତ୍‌ନାମ୍, ଲାଓସ୍ ଏବଂ ଦକ୍ଷିଣ-ପଶ୍ଚିମ ଚୀନ୍‌ରେ ଅନୁଭୂତ ହୋଇଥିଲା ବୋଲି ଜଣାପଡ଼ିଛି ।

## ଇ.ପି.ଏଫ୍. - ମାଣ୍ଡବୀୟ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନର ବହୁମୁଖୀ କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଆହୁରି ୧୫ଟି ବ୍ୟାଙ୍କ୍‌କୁ ତାଲିକାଭୁକ୍ତ କରାଯାଇଛି । ଏଥିସହ ଏହି ବ୍ୟବସ୍ଥାରେ ବ୍ୟାଙ୍କ୍ ସଂଖ୍ୟା ୩୨କୁ ବୃଦ୍ଧି ପାଇଛି । ନୂଆଦିଲ୍ଲୀରେ ଗତକାଲି କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟଙ୍କ ଉପସ୍ଥିତିରେ ଇ.ପି.ଏଫ୍.ଓ. ଏବଂ ସମ୍ପୃକ୍ତ ବ୍ୟାଙ୍କ୍‌ଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନୂତନ ତାଲିକାଭୁକ୍ତ ୧୫ଟି ବ୍ୟାଙ୍କ୍ ମାଧ୍ୟମରେ ପ୍ରାୟ ୧୨ ହଜାର କୋଟି ଟଙ୍କା ସିଧାସଳଖ ଦେୟ ପ୍ରଦାନ ସମ୍ଭବ ହୋଇପାରିବ । ଡକ୍ଟର ମାଣ୍ଡବୀୟ କହିଛନ୍ତି, ଦେଶର ଭବିଷ୍ୟତ୍ ଗଢ଼ିବାରେ ଇ.ପି.ଏଫ୍.ଓ.ର ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ପ୍ରାୟ ୮ କୋଟି ସକ୍ରିୟ ସଦସ୍ୟ ଏବଂ ୭୮ ଲକ୍ଷରୁ ଅଧିକ ପେନ୍‌ସନ୍ ଭୋଗୀ ଇ.ପି.ଏଫ୍.ସ. ମାଧ୍ୟମରେ ସାମାଜିକ ସୁରକ୍ଷାର ସୁଫଳ ପାଉଛନ୍ତି । ଗତ ଆର୍ଥିକ ବର୍ଷରେ ୬ କୋଟିରୁ ଅଧିକ ଦାବିର ସମାଧାନ ହୋଇଛି ବୋଲି ଡକ୍ଟର ମାଣ୍ଡବୀୟ ସୂଚନା ଦେଇଛନ୍ତି ।

## ଶ୍ରୀଲଙ୍କା - ଫିସରମ୍ୟାନ୍

ଶ୍ରୀଲଙ୍କାରେ ବନ୍ଦୀ ଜୀବନ ବିତାଉଥିବା ୧୩ ଜଣ ଭାରତୀୟ ମତ୍ସ୍ୟଜୀବୀ ମୁକ୍ତ ହୋଇ ଗତ ରାତିରେ ଚେନ୍ନାଇ ବିମାନ ବନ୍ଦରରେ ପହଞ୍ଚିଛନ୍ତି । ସୀମାରପାର ମାଛଧରା ଅଭିଯୋଗରେ ଶ୍ରୀଲଙ୍କା ନୌସେନା ସେମାନଙ୍କୁ ଗିରଫ କରିଥିଲା । ଗତ ଫେବୃୟାରୀ ମାସ ୧୯ ଓ ୨୦ ତାରିଖରେ ରାମନାଥପୁରମ୍ ଜିଲ୍ଲାର ରାମେଶ୍ୱରମ୍‌ରୁ ସେମାନଙ୍କୁ ଶ୍ରୀଲଙ୍କା ନୌସେନା ଗିରଫ କରିଥିଲା । ଶ୍ରୀଲଙ୍କା ସରକାର ଗତମାସ ୩୦ ତାରିଖରେ ସେମାନଙ୍କୁ ମୁକ୍ତ କରି କଲମ୍ବୋରେ ଥିବା ଭାରତୀୟ ଦୂତାବାସ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲା । ଦୂତାବାସ ଅଧିକାରୀ ଏହି ମତ୍ସ୍ୟଜୀବୀଙ୍କର ପ୍ରତ୍ୟାବର୍ତ୍ତନ ନେଇ ସମସ୍ତ ବ୍ୟବସ୍ଥା କରିଥିଲା ।  ଚେନ୍ନାଇ ବିମାନ ବନ୍ଦରରେ ପହଞ୍ଚିବା ପରେ ମତ୍ସ୍ୟଜୀବୀଙ୍କୁ ରାମେଶ୍ୱରମ୍ ମତ୍ସ୍ୟ ବିଭାଗୀୟ ଅଧିକାରୀ ସ୍ୱାଗତ କରିଥିଲେ ।

## ତ୍ରିପୁରା - ଇନ୍‌ଫିଲ୍‌ଟ୍ରେସନ୍

ତ୍ରିପୁରାରେ ବେଆଇନ ଅନୁପ୍ରବେଶ ରୋକିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାନିକ୍ ଶାହା କହିଛନ୍ତି ।

ଆନ୍ତର୍ଜାତିକ ସୀମାରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ତଲାସୀ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ସେହିଭଳି ଜିଲ୍ଲା ସ୍ତରରେ ବେଆଇନ ଅନୁପ୍ରବେଶ ୟୁନିଟ୍‌ମାନ ଗଠନ କରାଯାଇ ପରିସ୍ଥିତି ଉପରେ ଦୃଷ୍ଟି ରଖାଯାଇଛି । ତ୍ରିପୁରା ବିଧାନସଭାରେ ଗତକାଲି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଶାହା କହିଛନ୍ତି, ଅନୁପ୍ରବେଶକାରୀ ଏବଂ ସେମାନଙ୍କୁ ସହଯୋଗ ପ୍ରଦାନ କରୁଥିବା ଲୋକଙ୍କ ବିରୋଧରେ ଭାରତୀ ପାସ୍‌ପୋର୍ଟ ଆଇନ ଏବଂ ବିଦେଶୀ ଆଇନ ଅଧୀନରେ ମାମଲା ରୁଜୁ କରାଯାଇଛି । ସୀମାରେ ପାଟ୍ରୋଲିଂରେ ବି.ଏସ୍.ଏଫ୍. ପକ୍ଷରୁ ଆବଶ୍ୟକ ସହାୟତା ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଶାହା ସୂଚନା ଦେଇଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍.ର ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ୍ କିଙ୍ଗ୍‌ସ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ପଞ୍ଜାବ ପ୍ରଥମେ ବ୍ୟାଟିଂ କରିବାକୁ ଲକ୍ଷ୍ନୌକୁ ଆମନ୍ତ୍ରଣ କରିଥିଲା ।  ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୧୭୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ନିକୋଲାସ୍ ପୂରନ ସର୍ବାଧିକ ୪୪ ରନ୍ ଏବଂ ଆୟୁଷ୍ ବଦୋନି ୪୧ ରନ୍ ସଂଗ୍ରହ କରିଥିଲେ । ବିଜୟ

ଲକ୍ଷ୍ୟକୁ ପଞ୍ଜାବ ୧୬ ଓଭର୍ ୨ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ୍ ଆୟାର୍ ୫୨ ରନ୍ ସଂଗ୍ରହ କରିଥିଲେ । ପ୍ରଭସିମ୍ରନ୍ ସିଂହଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ପଞ୍ଜାବ ଏପର୍ଯ୍ୟନ୍ତ ଖେଳିଥିବା ୨ଟିଯାକ ମ୍ୟାଚ୍‌ରେ ବିଜୟ ହାସଲ କରିଛି ।

ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ୍ ଟାଇଟନ୍‌ସ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ବେଙ୍ଗାଲୁରୁର ଏମ୍. ଚିନାସ୍ୱାମୀ ଷ୍ଟାଡିୟମ୍‌ଠାରେ ମ୍ୟାଚ୍ ଅନୁଷ୍ଠିତ ହେବ ।

*****